**DO NOT OPEN THE SEAL OF THE QUESTION BOOKLET UNTIL YOU ARE ASKED TO DO SO**

Question Book Serial No. MLG004959 EC-2018 Question Booklet Series Code: C

Time Allowed: 02.00 hours Maximum Mark: 60

Techofworld.In

ନିର୍ଦ୍ଧାରିତ ସମୟ : ୦୨ .୦୦ ଘଣ୍ଟା ସର୍ବାଧିକ ମାର୍କ : ୬୦

Read the following instructions carefully before you begin to answer the questions. This Booklet contains questions both in English and Odia language except Section-B which contains Translation from Odia to English in Part-I & English to Odia in Part-II. In case of discrepancy in meaning, the English version will prevail.

ପ୍ରଶ୍ନଗୁଡିକର ଉତ୍ତର କରିବାପୂର୍ବରୁ ନିମ୍ନ ପ୍ରଦତ୍ତ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ । ଏହି ପୁସ୍ତିକାରେ ବିଭାଗ-'ଖ' ବ୍ୟତୀତ ଅନ୍ୟ ବିଭାଗର ପ୍ରଶ୍ନଗୁଡିକ ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଦିଆଯାଇଅଛି । ବିଭାଗ-'ଖ'ର ଭାଗ-୧ରେ ଓଡିଆରୁ ଇଂରାଜୀକୁ ଭାଷାନ୍ତର ଏବଂ ଭାଗ-୨ରେ ଇଂରାଜୀରୁ ଓଡିଆକୁ ପୁନଃଭାଷାନ୍ତର ଅନ୍ତର୍ଭୁକ୍ତ। ଅର୍ଥବୋଧରେ କିଛି ତାରତମ୍ୟ ଥିଲେ ଇଂରାଜୀ ଭାଷା ବଳବତ୍ତର ରହିବ ।

## INSTRUCTIONS FOR CANDIDATES

1. This Booklet contains in all 120 objectivetype questions with multiple choice answer comprising of the following:
   Section-A: Mathematics–40 questions
   Section-B: Part-I: Translation from Odia toEnglish-20 questions
   Part-II: Re-Translation from English to Odia-20 questions
   Section-C: General Knowledge on Excise Matters-40 questions
2. All questions are compulsory and carry equal mark.
3. Before answering any question, checkup the Booklet and ensure that it contains 28 pages and no page is missing, mutilated or repeated. In case of any defect replace it immediately.
4. The Invigilator shall supply you the blank OMR Answer Sheet separately. Enter your Roll Number, Question Booklet Serial Number and Question Booklet Series Code and darken the corresponding circle/oval provided on left side of the Answer Sheet carefully by black/blue ball point pen only. You must write the name, date and center of examination and put your full signature in the appropriate spaces provided therein before answering any question.
5. A machine will read the coded information furnished by you in the OMR Answer Sheet. If the information so furnished by you are incomplete or different from what have been given in the application form, you will be awarded Zero mark.
6. These instructions must be complied with fully failing which your Answer Sheet will not be evaluated and Zero mark will be awarded.
7. Answer must be given by completely blackening one of the four circles/ovals representing the correct answer given on right side of the Answer Sheet corresponding to the relevant question number by using Black/Blue ball point pen only. Answers not shown by black/blue ball point pen shall not be awarded any mark.
8. Failure to hand over the Answer Sheet to the Invigilator before leaving the examination hall/room will make you liable to penal action.
9. Read carefully the instructions of answering each question before answering it.
10. Answer the questions as quickly and carefully as you can. Some questions may be easy and others difficult. Don't spend too much time on any question.
11. No Rough work has to be done on the OMR Answer Sheet. Space for rough work has been provided in the Question Booklet wherever needed.
12. You must not carry into the examination hall/ room any book, mobile phones or electronic devices printed/handwritten papers except the Admission Letter.

Failure to comply with any of the above instructions will be considered as using unfair means and action as deemed proper will be taken against the violators.

## ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କପାଇଁ ନିର୍ଦ୍ଦେଶାବଳୀ

୧. ଏହି ପୁସ୍ତିକାରେ ନିମ୍ନମତେ ମୋଟ ୧୨୦ଟି ବିବିଧ ଉତ୍ତର ଯୁକ୍ତ ସଂକ୍ଷିପ୍ତ ପ୍ରଶ୍ନ ଅଛି ।
   କ-ବିଭାଗ: ଗଣିତ-୪୦ଟି ପ୍ରଶ୍ନ
   ଖ-ବିଭାଗ: ଭାଗ-୧: ଓଡିଆରୁ ଇଂରାଜୀକୁ ଭାଷାନ୍ତର-୨୦ଟି ପ୍ରଶ୍ନ
   ଭାଗ-୨: ଇଂରାଜୀରୁ ଓଡିଆକୁ ପୁନଃଭାଷାନ୍ତର-୨୦ଟି ପ୍ରଶ୍ନ
   ଗ –ବିଭାଗ: ଅବକାରୀ ବିଷୟରେ ସାଧାରଣ ଜ୍ଞାନ-୪୦ଟି ପ୍ରଶ୍ନ
୨. ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ ଏବଂ ପ୍ରତ୍ୟେକର ମାର୍କ ସମାନ।
୩. କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ପୁସ୍ତିକାଟି ଭଲଭାବେ ଦେଖନ୍ତୁ ଯେ ଏଥିରେ ୨୮ ପୃଷ୍ଠା ଅଛି ଓ କୌଣସି ପୃଷ୍ଠା ଛାଡି, ନଷ୍ଟ କିମ୍ବା ପୁନରାବୃତ୍ତି ହୋଇନାହିଁ। କୌଣସି ତ୍ରୁଟିଥିଲେ ତାକୁ ତୁରନ୍ତ ବଦଳ କରାଇନିଅନ୍ତୁ।
୪. ପରୀକ୍ଷକ ଆପଣଙ୍କୁ ସ୍ୱତନ୍ତ୍ରଭାବେ ଓ.ଏମ୍.ଆର୍ ଉତ୍ତରପତ୍ର ଦେବେ । ଉତ୍ତରପତ୍ରର ବାମ ପାର୍ଶ୍ୱରେ ଯଥା ସ୍ଥାନରେ ଆପଣଙ୍କ ରୋଲନମ୍ବର, ପ୍ରଶ୍ନପୁସ୍ତିକା କ୍ରମିକନମ୍ବର ଏବଂ ପ୍ରଶ୍ନପୁସ୍ତିକା ସିରିଜ କୋଡ ଉଲ୍ଲେଖ କରନ୍ତୁ ଏବଂ ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ ଦ୍ୱାରା କାଳି କରନ୍ତୁ । ସେଠାରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପରୀକ୍ଷାର ନାମ, ତାରିଖ ଓ କେନ୍ଦ୍ର ନିଶ୍ଚିତ ଭାବେ ଲେଖନ୍ତୁ ଏବଂ କୌଣସି ପ୍ରଶ୍ନର ଉତ୍ତରଦେବା ଆଗରୁ ଆପଣଙ୍କ ପୁରା ଦସ୍ତଖତ ଦିଅନ୍ତୁ ।
୫. ଓ.ଏମ୍.ଆର୍ ଉତ୍ତରପତ୍ରରେ ଆପଣ ଉଲ୍ଲେଖ କରିଥିବା ସାଙ୍କେତିକ ତଥ୍ୟକୁ ଗୋଟିଏ ଯନ୍ତ୍ର ପଠନ କରିବ । ଯେଣୁ ଆପଣଙ୍କ ଏହି ପ୍ରଦତ୍ତ ତଥ୍ୟ ଯଦି ଦରଖାସ୍ତ ଫର୍ମରେ ଦିଆଯାଇଥିବା ତଥ୍ୟଠାରୁ ପୃଥକ କିମ୍ବା ଅସମ୍ପୂର୍ଣ୍ଣ ହୁଏ, ଆପଣଙ୍କୁ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।
୬. ଏହି ନିର୍ଦ୍ଦେଶାବଳୀକୁ ସଂପୂର୍ଣ୍ଣଭାବେ ନିଶ୍ଚିତ ପାଳନ କରନ୍ତୁ , ଅନ୍ୟଥା ଆପଣଙ୍କ ଉତ୍ତରପତ୍ର ମୂଲ୍ୟାୟନ କରାଯାଇପାରିବ ନାହିଁ ଏବଂ ଶୂନ୍ୟ ମାର୍କ ପ୍ରଦାନ କରାଯିବ ।
୭. ଉତ୍ତରପତ୍ରର ଡାହାଣ ପାର୍ଶ୍ୱରେ ଥିବା ସମ୍ପୃକ୍ତ ପ୍ରଶ୍ନ ସଂଖ୍ୟାର ଅନୁରୂପ ବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ କାଳିର ବଲପଏଣ୍ଟ ପେନ ଦ୍ୱାରା ନିଶ୍ଚିତ ସଂପୂର୍ଣ୍ଣଭାବେ କାଳି କରି ଉତ୍ତର ଦିଅନ୍ତୁ । କଳା/ନୀଳ ବଲ ପଏଣ୍ଟ ପେନ ଦ୍ୱାରା ଦର୍ଶାଯାଇନଥିବା ଉତ୍ତର ପାଇଁ କୌଣସି ମାର୍କ ଦିଆଯିବ ନାହିଁ ।
୮. ପରୀକ୍ଷା ହଲ/କୋଠରୀ ଛାଡିବା ପୂର୍ବରୁ ଆପଣଙ୍କ ଉତ୍ତରପତ୍ର ପରୀକ୍ଷକଙ୍କୁ ହସ୍ତାନ୍ତର ନ କରିପାରିଲେ ଆପଣ ଆଇନାନୁଯାୟୀ ଦଣ୍ଡନୀୟ ହେବେ ।
୯. ଉତ୍ତର ଦେବାପୂର୍ବରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରଦାନ ନିର୍ଦ୍ଦେଶାବଳୀ ଯତ୍ନସହକାରେ ପଢନ୍ତୁ ।
୧୦. ଯେତେ ଶୀଘ୍ର ଓ ଯତ୍ନସହକାରେ ପାରିବେ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ । କେତେକ ପ୍ରଶ୍ନ ସହଜ ଓ ଅନ୍ୟ କେତେକ କଠିନ ହୋଇପାରେ । କୌଣସି ପ୍ରଶ୍ନରେ ଅତ୍ୟଧିକ ସମୟ ନଷ୍ଟକରନ୍ତୁ ନାହିଁ।
୧୧. ଓ.ଏମ୍.ଆର୍ ଉତ୍ତରପତ୍ରରେ ରଫ କାମ କରିବେ ନାହିଁ । ଯେଉଁଠି ଦରକାର ପ୍ରଶ୍ନପୁସ୍ତିକାର ଉକ୍ତ ରଫ କାମପାଇଁ ଖାଲି ଜାଗା ଦିଆଯାଇଅଛି ।
୧୨. ପ୍ରବେଶ ପତ୍ର ବ୍ୟତୀତ କୌଣସି ବହି, ଛାପା/ହାତଲେଖାକାଗଜ, ମୋବାଇଲ ଫୋନ କିମ୍ବା ବୈଦ୍ୟୁତିକ ଉପକରଣ ଆପଣ ପରୀକ୍ଷା ହଲ/କୋଠରୀ ଭିତରକୁ ନେଇ ପାରିବେ ନାହିଁ ।

ଉପରୋକ୍ତ ନିର୍ଦ୍ଦେଶାବଳୀରୁ କୌଣସିଟି ଅନୁପାଳନରେ ବିଫଳହେଲେ ଏହାକୁ ଅସତ୍ ଉପାୟ ଅବଲମ୍ବନବୋଲି ବିବେଚନା କରାଯିବ ଏବଂ ଉଲଂଘନକାରୀଙ୍କ ବିରୁଦ୍ଧରେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରାଯିବ ।

**DO NOT OPEN THE SEAL OF THE QUESTION BOOKLET UNTIL YOU ARE ASKED TO DO SO**

## SECTION-A
## (MATHMATICS)

Read the following questions carefully. Answer each of them by choosing the correct one out four multiple answers given under each question as A, B, C & D and blackening the appropriate circle/oval given on the right side of the OMR Answer Sheet by Black/Blue ball point pen only. Correct answer to each question carries ½ mark.

ନିମ୍ନଲିଖିତ ପ୍ରଶ୍ନଗୁଡିକ ଯତ୍ନ ସହକାରେ ପଢନ୍ତୁ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରଶ୍ନର ନିମ୍ନରେ କ, ଖ, ଗ ଏବଂ ଘ ଭଳି ଦିଆଯାଇଥିବା ବିବିଧ ଉତ୍ତରମାନଙ୍କରୁ ସଠିକ ଉତ୍ତରଟି ଚୟନକରି ଓ.ଏମ୍.ଆର୍ ଉତ୍ତରପତ୍ରର ଡାହାଣକୁ ଥିବା ସଠିକବୃତ୍ତ/ଅଣ୍ଡାକୃତିକୁ କେବଳ କଳା/ନୀଳ ବଲପଏଣ୍ଟ କଲମରେ କାଳିକରି ପ୍ରତ୍ୟେକର ଉତ୍ତର ଦିଅନ୍ତୁ। ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତରପାଇଁ ୧/୨ ମାର୍କ ଦିଆଯିବ ।

Techofworld.In

1. If the ratio of the area of two squares is 3:27, then what is the ratio of their perimeters ?

A) 1:9 B) 1:81 C) 1:3 D) 4:36

ଯଦି ଦୁଇଟି ବର୍ଗକ୍ଷେତ୍ରର କ୍ଷେତ୍ରଫଳର ଅନୁପାତ ୩:୨୭ ହୁଏ, ତେବେ ସେମାନଙ୍କର ପରିସୀମାର ଅନୁପାତ କେତେ ?

କ) ୧:୯ ଖ) ୧:୮୧ ଗ) ୧:୩ ଘ) ୪:୩୬

2. HCF of two numbers is 8 and LCM is 24. What is the result of multiplication of the two numbers ?

A) 144 B) 192 C) 24 D) 96

ଦୁଇଟି ସଂଖ୍ୟା ର ଗ. ସା. ଗୁ ୮ ଓ ଲ . ସା. ଗୁ ୨୪। ସଂଖ୍ୟା ଦୁଇଟିର ଗୁଣଫଳ କେତେ ?

କ) ୧୪୪ ଖ) ୧୯୨ ଗ) ୨୪ ଘ) ୯୬

3. Age of Radha is 3 times the age of Reena. After 12 years, the age of Radha will be two times of Reena. Find the age of Radha & Reena after 3 years.

A) Radha-39 & Reena-12 B) Radha-39 & Reena-15

C) Radha-15 & Reena-39 D) Radha-12 & Reena-39

ରାଧାର ବୟସ ରୀନାର ବୟସର ୩ ଗୁଣ। ଆଉ ୧୨ ବର୍ଷ ପରେ ରାଧା ବୟସ ରୀନା ବୟସର ୨ ଗୁଣ ହେବ। ୩ ବର୍ଷ ପରେ ରାଧା ର ଓ ରୀନା ର ବୟସ କେତେ ହେବ ?

କ) ରାଧା - ୩୯ ଓ ରୀନା - ୧୨ ଖ) ରାଧା - ୩୯ ଓ ରୀନା - ୧୫

ଗ) ରାଧା - ୧୫ ଓ ରୀନା - ୩୯ ଘ) ରାଧା - ୧୨ ଓ ରୀନା - ୩୯

4. The present age of Sita is thrice the age of Geeta. Three years after, the age of Sita becomes twice the age of Geeta. What is the present age of Sita ?

A) 3　　B) 12　　C) 9　　D) 6

ବର୍ତ୍ତମାନ ସୀତାର ବୟସ ଗୀତାର ବୟସର ୩ ଗୁଣ । ୩ ବର୍ଷ ପରେ, ସୀତାର ବୟସ ଗୀତା ବୟସର ୨ ଗୁଣ ହେବ। ବର୍ତ୍ତମାନ ସୀତାର ବୟସ କେତେ ?

Techofworld.In

କ) ୩　　ଖ) ୧୨　　ଗ) ୯　　ଘ) ୬

5. The length & width of a rectangle is increased by 50%. What is the percent increase in area of the new rectangle over the original.

A) 200%　　B) 225%　　C) 250%　　D) 400%

ଗୋଟିଏ ଆୟତକାରକ୍ଷେତ୍ରର ଲମ୍ବ ଓ ପ୍ରସ୍ଥ କୁ ଶତକଡା ୫୦ ବଢାଇ ଦିଆଗଲେ, ନୂତନ ଆୟତକାର କ୍ଷେତ୍ରର କ୍ଷେତ୍ରଫଳ ମୂଳ ଆୟତକାରକ୍ଷେତ୍ରର କ୍ଷେତ୍ରଫଳର ଶତକଡା କେତେ ବଢିବ ?

କ) ୨୦୦%　　ଖ) ୨୨୫%　　ଗ) ୨୫୦%　　ଘ) ୪୦୦%

6. Between two numbers, 5 times of the greater one equals to 6 times of the smaller one. If the sum of both the numbers is 33, find the greater number ?

A) 15　　B) 18　　C) 22　　D) 16

ଦୁଇଟି ସଂଖ୍ୟା ମଧ୍ୟରୁ ବଡ ସଂଖ୍ୟା ର ୫ ଗୁଣ ଯେତେ, ସାନ ସଂଖ୍ୟାର ୬ ଗୁଣ ସେତେ। ଯଦି ସଂଖ୍ୟା ଦ୍ୱୟର ଯୋଗଫଳ ୩୩ ହୁଏ, ବଡ ସଂଖ୍ୟାଟି କେତେ ?

କ) ୧୫　　ଖ) ୧୮　　ଗ) ୨୨　　ଘ) ୧୬

7. The sum of the squares of two numbers is 3341 and the difference of their squares is 891. The numbers are:

A) 25, 46　　B) 35, 46　　C) 25, 36　　D) none of these

ଦୁଇଟି ସଂଖ୍ୟାର ବର୍ଗର ଯୋଗଫଳ ୩୩୪୧ ଏବଂ ସେମାନଙ୍କ ବର୍ଗର ଅନ୍ତର ୮୯୧ । ସଂଖ୍ୟା ଦୁଇଟି ହେଲା:

କ) ୨୫, ୪୬　　ଖ) ୩୫, ୪୬　　ଗ) ୨୫, ୩୬　　ଘ) ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

8. How many three digit numbers can be formed by using 0, 1, 2 without repetition.

A) 6　　B) 4　　C) 8　　D) 9

୦, ୧ ଓ ୨ କୁ ନେଇ କେତୋଟି ତିନି ଅଙ୍କ ବିଶିଷ୍ଟ ସଂଖ୍ୟା ହୋଇପାରିବ । କୌଣସି ଦୁଇଟି ସଂଖ୍ୟା ର ପୁନରାବୃତ୍ତି ହେବ ନାହିଁ ।

କ)୬　　ଖ)୪　　ଗ)୮　　ଘ)୯

9. 3599.04 ÷ 89.976+7% of $19 \times 10^2$ = ?

A) 163 B) 137 C) 173 D) 189

୩୫୯୯.୦୪ ÷ ୮୯.୯୭୬ + ୧୯ ର ୭% x ୧୦²= ?

କ) ୧୬୩ ଖ) ୧୩୭ ଗ) ୧୭୩ ଘ) ୧୮୯

10. Difference between 0.4 and 0.4% ?

A) 0 B) 0.396 C) 0.36 D) 0.0396

୦.୪ ଓ ଶତକଡା ୦.୪ ମଧ୍ୟରେ ପାର୍ଥକ୍ୟ କେତେ?

କ) ୦ ଖ) ୦.୩୯୬ ଗ) ୦.୩୬ ଘ) ୦.୦୩୯୬

11. The minimum marks to pass in an examination is 33%. One student got 220 marks but failed for 11 marks. What is the total marks in that examination ?

A) 800 B) 700 C) 900 D) 600

ଗୋଟିଏ ପରୀକ୍ଷାରେ ପାସ୍ କରିବା ପାଇଁ ସର୍ବନିମ୍ନ ନମ୍ବର ମୋଟ ନମ୍ବରର 33% । ଜଣେ ଛାତ୍ର 220 ନମ୍ବର ରଖି 11 ନମ୍ବର ପାଇଁ ଫେଲ ହେଲା । ତେବେ ପରୀକ୍ଷାରେ ମୋଟ ନମ୍ବର କେତେ ଥିଲା ?

କ) ୮୦୦ ଖ) ୭୦୦ ଗ) ୯୦୦ ଘ) ୬୦୦

12. Find the smallest number which when divided by 4 & 5 gives remainder 1 in each case but it is divisible by 9 ?

Techofworld.In

A) 171 B) 61 C) 81 D) 261

କେଉଁ କ୍ଷୁଦ୍ରତମ ସଂଖ୍ୟା କୁ ୪ ଓ ୫ ଦ୍ୱାରା ଭାଗ କଲେ ପ୍ରତିସ୍ଥଳରେ ୧ ଭାଗଶେଷ ରହେ, ମାତ୍ର ୯ ଦ୍ୱାରା ଭାଗ କଲେ ଭାଗଶେଷ କିଛି ରହିବ ନାହିଁ ?

କ) ୧୭୧ ଖ) ୬୧ ଗ) ୮୧ ଘ) ୨୬୧

13. When a seller sold a phone at Rs.3750.00, he got a loss of Rs.250.00. What will be the sale price to get a profit of 30% ?

A) Rs. 4000.00 B) Rs. 5000.00 C) Rs. 5200.00 D) Rs. 4630.00

ଗୋଟିଏ ଫୋନ କୁ ଟ୩୭୫୦.୦୦ ରେ ବିକିବାରୁ ଟ୨୫୦.୦୦ କ୍ଷତି ହେଲା । କେତେ ଟଙ୍କାରେ ବିକିଥିଲେ ୩୦ ପ୍ରତିଶତ ଲାଭ ହୋଇଥାନ୍ତା ?

କ) ୪୦୦୦ ଟଙ୍କା ଖ) ୫୦୦୦ ଟଙ୍କା ଗ) ୫୨୦୦ ଟଙ୍କା ଘ) ୪୬୩୦ ଟଙ୍କା

5000
− 3750
1250

14. The sum of age of 5 children 4 years back was 72 years. What will be their total age after 4 years ?

A) 92 B) 80 C) 97 D) 112

୫ ଜଣ ପିଲାଙ୍କ ର ୪ ବର୍ଷ ପୂର୍ବେ ବୟସ ମିଶି ୭୨ ବର୍ଷ ଥିଲା। ୪ ବର୍ଷ ପରେ ସେମାନଙ୍କ ର ବୟସ ମିଶି କେତେ ହେବ ?

କ) ୯୨ ଖ) ୮୦ ଗ) ୯୭ ଘ) ୧୧୨

15. Cost of 3 oranges and 4 bananas is Rs.24.00. If the cost of one orange is Rs.1.00 more than the cost of 1 banana, then what is the cost of the orange ?

A) Rs. 2.00 B) Rs. 4.00 C) Rs. 3.00 D) Rs. 5.00

୩ଟି କମଳା ଓ ୪ଟି କଦଳୀ ର ମୂଲ୍ୟ ୨୪ ଟଙ୍କା ଅଟେ। ଯଦି ଗୋଟିଏ କମଳା ର ମୂଲ୍ୟ ଗୋଟିଏ କଦଳୀ ର ମୂଲ୍ୟଠାରୁ ୧ ଟଙ୍କା ଅଧିକ ହୁଏ, ତେବେ ଗୋଟିଏ କମଳାର ମୂଲ୍ୟ କେତେ ?

କ) ୨ ଟଙ୍କା ଖ) ୪ ଟଙ୍କା ଗ) ୩ ଟଙ୍କା ଘ) ୫ ଟଙ୍କା

16. A radius of a circular playground is 21mtr. One monkey covers 3mtr. in one jump and takes one minute rest in between consecutive jumps. Calculate the total time of rest the monkey will take for covering the circumference of the playground.

A) 44 min B) 43 min C) 42min D) 66min

ଗୋଟିଏ ଗୋଲାକାର ଖେଳ ପଡିଆର ବ୍ୟାସାର୍ଦ୍ଧ 21 ମିଟର । ଗୋଟିଏ ମାଙ୍କଡ ଥରକେ 3 ମିଟର ଡେଇଁପାରେ ଓ ପ୍ରତିଥର ଡେଇଁବା ପରେ ୧ମିନିଟର ବିଶ୍ରାମ ନିଏ। ଖେଳ ପଡିଆର ପୁରା ପରିଧି କୁ ଅତିକ୍ରମ କରିବା ପାଇଁ ମାଙ୍କଡ କେତେ ମିନିଟ ର ବିଶ୍ରାମ ନେବ ।

Techofworld.In

କ) ୪୪ମିନିଟ ଖ) ୪୩ ମିନିଟ ଗ) ୪୨ ମିନିଟ ଘ) ୬୬ ମିନିଟ

17. Rama's annual income is Rs.4,20,000.00. His annual savings amounts to Rs.60,000.00. The ratio of his monthly savings to expenditure is ?

A) 1:6 B) 1:7 C) 1:5 D) 1:8

ରାମର ବର୍ଷ କୁ ଆୟ ଟ.୪,୨୦,୦୦୦.୦୦ ଅଟେ । ତନ୍ମଧ୍ୟରୁ ବାର୍ଷିକ ସଞ୍ଚୟ ଟ.୬୦୦୦୦.୦୦ ଅଟେ । ତାର ମାସିକ ସଞ୍ଚୟ ଓ ଖର୍ଚ୍ଚ ର ଅନୁପାତ କେତେ ହେବ ?

କ) ୧:୬ ଖ) ୧:୭ ଗ)୧:୫ ଘ) ୧:୮

18. If 1111x1111= 1234321 then what number multiplied by that number is 12345654321 ?

A) 11111 B) 111111 C) 1111111 D) 11111111

ଯଦି ୧୧୧୧ x ୧୧୧୧= ୧୨୩୪୩୨୧ ହୁଏ, ତେବେ କେଉଁ ସଂଖ୍ୟାରେ ସେହି ସଂଖ୍ୟା ଗୁଣିଲେ ଗୁଣଫଳ ୧୨୩୪୫୬୫୪୩୨୧ ହେବ ?

କ) ୧୧୧୧୧ ଖ) ୧୧୧୧୧୧ ଗ) ୧୧୧୧୧୧୧ ଘ) ୧୧୧୧୧୧୧୧

19. How much should be added to the smallest 3 digit number for it to be divisible by 11 ?

A) 9 B) 10 C) 11 D) 22

ତିନି ଅଙ୍କ ବିଶିଷ୍ଟ କ୍ଷୁଦ୍ରତମ ସଂଖ୍ୟାରେ କେତେ ଯୋଗ କଲେ ତାହା ୧୧ ଦ୍ୱାରା ବିଭାଜ୍ୟ ହେବ ?

କ) ୯ ଖ) ୧୦ ଗ) ୧୧ ଘ) ୨୨

20. The average age of 36 students in a class is 14. When the age of one teacher is added to the total, it exceeds the previous average by 1. Find the age of the teacher.

A) 55 B) 51 C) 45 D) 50

ଗୋଟିଏ ଶ୍ରେଣୀର ୩୬ ଜଣ ପିଲାଙ୍କ ହାରାହାରି ବୟସ ୧୪ ବର୍ଷ । ଜଣେ ଶିକ୍ଷକଙ୍କ ବୟସ ସେମାନଙ୍କ ବୟସ ସହିତ ମିଶିଲା ପରେ ହାରାହାରି ବୟସ ୧ ବର୍ଷ ବଢିଯାଏ । ତେବେ ଶିକ୍ଷକଙ୍କର ବୟସ କେତେ ?

କ) ୫୫ ଖ) ୫୧ ଗ) ୪୫ ଘ) ୫୦

21. How many odd numbers are there in between 151 & 169 ?

A) 11 B) 9 C) 8 D) 10

୧୫୧ ଓ ୧୬୯ ମଧ୍ୟରେ କେତୋଟି ଅଯୁଗ୍ମ ସଂଖ୍ୟା ଅଛି ।

କ) ୧୧ ଖ) ୯ ଗ) ୮ ଘ) ୧୦

22. What will be the rate of interest if, Rs. 52.00 is the simple interest for the principal of Rs.325.00 in 4 years ?

Techofworld.In

A) 4 B) 5 C) 3 D) 13

ଶତକଡା ବାର୍ଷିକ କେତେ ହାର ସରଳ ସୁଧରେ ଟ.୩୨୫.୦୦ ର ୪ ବର୍ଷରେ ସରଳ ସୁଧ ୫୨ ଟଙ୍କା ହେବ ?

କ) ୪ ଖ) ୫ ଗ) ୩ ଘ) ୧୩

23. Conversion of 0.0175 in % is:

A) 17.5 B) 0.175 C) 1.75 D) 0.0175

0.0175 କୁ ଶତକଡ଼ାରେ ପ୍ରକାଶ କଲେ କେତେ ହେବ ?

କ) ୧୭.୫ ଖ) ୦.୧୭୫ ଗ) ୧.୭୫ ଘ) ୦.୦୧୭୫

24. In a class of 40 students, 1/4 of the total students are good in swimming, 3/8 in table tennis and the rest are good in archery. How many students are good in archery ?

A) 15 B) 18 C) 19 D) 21

ଗୋଟିଏ କ୍ଲାସରେ ୪୦ ଜଣ ଛାତ୍ର ଅଛନ୍ତି । ତନ୍ମଧ୍ଯରୁ ୧/୪ ଭାଗ ଛାତ୍ର ପହଁରାରେ ଭଲ ହୋଇଥିବା ବେଳେ, ୩/୮ ଭାଗ ଟେବୁଲ ଟେନିସରେ ଭଲ ଓ ଅନ୍ୟ ମାନେ ଧନୁର୍ବିଦ୍ୟାରେ ଭଲ ଅଟନ୍ତି । ତେବେ ଧନୁର୍ବିଦ୍ୟାରେ କେତେ ଜଣ ଭଲ ଅଟନ୍ତି ।

Techofworld.In

କ) ୧୫ ଖ) ୧୮ ଗ) ୧୯ ଘ) 21

25. One pot was filled with water. 12 ltr. 250 ml. water was removed from the pot. After that half of water remained in that pot. How much water was present originally ?

A) 25L.500ML. B) 25L C) 24L.500ML. D) 24L.

ଗୋଟିଏ କୁଣ୍ଡ ଜଳ ପୂର୍ଣ ଥିଲା। କୁଣ୍ଡରୁ 12ଲି 250 ମି.ଲି. ଜଳ କାଢିବା ପରେ କୁଣ୍ଡରେ ଆଉ ଅଧା ଜଳ ରହିଲା। ତେବେ କୁଣ୍ଡରେ କେତେ ଜଳ ଥିଲା ?

କ) ୨୫ ଲି ୫୦୦ ମି.ଲି. ଖ) ୨୫ଲି. ଗ) ୨୪ଲି ୫୦୦ ମି.ଲି. ଘ) ୨୪ଲି.

26. 1/2 + 1/5 - 3/8 = 13/40 + X. Find the value of X ?

A) 2/3 B) 67/40 C) 0 D) 6/40

୧/୨ + ୧/୫ - ୩/୮ = ୧୩/୪୦ + X । 'X' ର ମୂଲ୍ୟ କେତେ ହେବ ?

କ) ୨/୩ ଖ) ୬୭/୪୦ ଗ) ୦ ଘ) ୬/୪୦

27. If the volume of 2 spheres are in the ratio of 8:125, then the ratio of their area is ?

A) 2:5 B) 16:250 C) 4:25 D) 25:4

ଯଦି ଦୁଇଟି ବୃତ୍ତର ଘନଫଳର ଅନୁପାତ ୮:୧୨୫ ହୁଏ, ତେବେ ସେମାନଙ୍କ କ୍ଷେତ୍ରଫଳର ଅନୁପାତ କେତେ ?

କ)୨:୫ ଖ)୧୬:୨୫୦ ଗ)୪:୨୫ ଘ)୨୫:୪

28. Cost of 5 pens and 6 pencils is Rs.39.00. Cost of 6 pens and 5 pencils is Rs.49.00. Then find the cost of 2 pens and 2 pencils ?

A) Rs. 18.00 B) Rs. 16.00 C) Rs. 20.00 D) Rs. 10.00

୫ଟି କଲମ ଓ ୬ଟି ପେନସିଲର ଦାମ ଟ.୩୯ । ୬ଟି କଲମ ଓ ୫ ଟି ପେନସିଲର ଦାମ ଟ.୪୯ । ତେବେ ୨ଟି କଲମ ଓ ୨ଟି ପେନସିଲର ଦାମ କେତେ ହେବ ?

କ) ୧୮ ଟଙ୍କା ଖ) ୧୬ ଟଙ୍କା ଗ) ୨୦ ଟଙ୍କା ଘ) ୧୦ ଟଙ୍କା

29. The average of 5 consecutive numbers is 'X'. If the last two consecutive numbers from the higher end are excluded, the average will be ?

A) remain the same B) decrease by 2 C) decrease by 1 D) decrease by 0.5

୫ ଗୋଟି କ୍ରମିକ ସଂଖ୍ୟାର ହାରାହାରି 'X' ଅଟେ । ଯଦି ଶେଷ ୨ଟି ବଡ କ୍ରମିକ ସଂଖ୍ୟାକୁ ଏଥିରୁ ବାଦ ଦିଆଯାଏ, ତେବେ ଏହାର ହାରାହାରି କେତେ ହେବ ?

କ) ସମାନ ରହିବ ଖ) ୨ କମିବ ଗ) ୧ କମିବ ଘ) ୦.୫ କମିବ

30. Decimal of ¼ is ?

A) 25 B) 0.25 C) 2.5 D) 0.025

୧/୪ କୁ ଦଶମିକରେ ପରିଣତ କଲେ କେତେ ହେବ ?

କ) ୨୫ ଖ) ୦.୨୫ ଗ) ୨.୫ ଘ) ୦.୦୨୫

31. When the product of 19 & 13 is divided by their difference, the remainder will be

A) 0 B) 2 C) 3 D) 1

୧୯ ଓ ୧୩ ର ଗୁଣଫଳ କୁ ସେମାନଙ୍କ ର ଅନ୍ତର ଦ୍ୱାରା ବିଭାଜିତ କଲେ, ଭାଗଶେଷ କେତେ ହେବ ?

କ) ୦ ଖ) ୨ ଗ) ୩ ଘ) ୧

32. What will be the amount for Rs.1000/- @10% simple interest per annùm for two years ?

A) Rs. 200.00 B) Rs. 1200.00 C) Rs.1100.00 D) Rs. 1210.00

ଶତକଡା ବାର୍ଷିକ ୧୦% ହାର ସରଳ ସୁଧରେ ଟ.୧୦୦୦ କରଜ ଦେଲେ ୨ ବର୍ଷ ଶେଷରେ ସମୂଳସୁଧ କେତେ ମିଳିବ?

କ) ୨୦୦ ଟଙ୍କା ଖ) ୧୨୦୦ ଟଙ୍କା ଗ) ୧୧୦୦ ଟଙ୍କା ଘ) ୧୨୧୦ ଟଙ୍କା

33. The population of a city is 3,00,000. If the rate of birth is 5% & rate of death is 3% of that city, then what will be the population of that city after two years ?

A) 321120 B) 311220 C) 312120 D) 322110

ଗୋଟିଏ ସହରର ଲୋକ ସଂଖ୍ୟା 3,00,000। ଯଦି ଜନ୍ମ ହାର 5% ଓ ମୃତ୍ୟୁ ହାର 3% ହୋଇଥାଏ ତେବେ 2 ବର୍ଷ ପରେ ସେହି ସହରର ଲୋକ ସଂଖ୍ୟା କେତେ ହେବ ?

କ) ୩୨୧୧୨୦ ଖ) ୩୧୧୨୨୦ ଗ) ୩୧୨୧୨୦ ଘ) ୩୨୨୧୧୦

34. The result of multiplication of two numbers is 380. One number is 4 more than 4 times of 4. What is the other number ?

A) 17 B) 18 C) 19 D) 20

ଦୁଇଟି ସଂଖ୍ୟା ର ଗୁଣଫଳ ୩୮୦ । ଗୋଟିଏ ସଂଖ୍ୟା ୪ ର ୪ ଗୁଣରୁ ୪ ଅଧିକ । ଅନ୍ୟ ସଂଖ୍ୟାଟି କେତେ ?

କ) ୧୭ ଖ) ୧୮ ଗ) ୧୯ ଘ) ୨୦

35. Salary of A, B, C are in the ratio 3:2:1. Salary of A &B together is Rs.60,000.00. By what % is salary of A more than C ?

A) 150 B) 100 C) 200 D) 300

'କ', 'ଖ' ଓ 'ଗ' ଙ୍କର ଦରମାର ଅନୁପାତ 3:2:1 ଅଟେ । 'କ' ଓ 'ଖ' ର ଦରମା ମିଶି ଟ.60,000.00 ହେଲେ,'କ' ର ଦରମା 'ଗ' ଦରମାଠାରୁ ଶତକଡା କେତେ ବେଶି ?

କ) ୧୫୦ ଖ) ୨୦୦ ଗ) ୧୦୦ ଘ) ୩୦୦

36. Hari has 25% more money than Shyam. Shyam's money is less than Hari by what percentage ?

A) 25 B) 50 C) 20 D) 2.5

ହରିର ଟଙ୍କା ଶ୍ୟାମର ଟଙ୍କା ଠାରୁ ୨୫ପ୍ରତିଶତ ଅଧିକ । ତେବେ ଶ୍ୟାମର ଟଙ୍କା ହରିଠାରୁ କେତେ ପ୍ରତିଶତ କମ ଅଟେ ?

Techofworld.In

କ) ୨୫ ଖ) ୫୦ ଗ) ୨୦ ଘ) ୨.୫

37. If the square of 1/3rd of a number is 36. Then what is the square of that number ?

A) 18 B) 324 C) 219 D) 6

ଗୋଟିଏ ସଂଖ୍ୟାର ୧/୩ ର ବର୍ଗ ୩୬ ହେଲେ ସଂଖ୍ୟାଟିର ବର୍ଗ କେତେ ?

କ) ୧୮ ଖ) ୩୨୪ ଗ) ୨୧୯ ଘ) ୬

38. There was food for 18 days for 35 students in a hostel. 5 of them shifted elsewhere. Now the remaining students will finish the food in how many days ?

A) 15 B) 21 C) 30 D) None of the above.

ଗୋଟିଏ ଛାତ୍ରାବାସ ରେ ୩୫ ଜଣ ଛାତ୍ରଙ୍କର ୧୮ ଦିନର ଖାଦ୍ୟଥିଲା। ସେମାନଙ୍କ ମଧ୍ୟରୁ ୫ ଜଣ ଅନ୍ୟତ୍ର ଚାଲିଯିବାରୁ ଉକ୍ତ ଖାଦ୍ୟକୁ ଅବଶିଷ୍ଟ ଛାତ୍ର କେତେ ଦିନରେ ଖାଇବେ ?

କ) ୧୫ ଖ) ୨୧ ଗ) ୩୦ ଘ) କୌଣସି ଟି ବି ନୁହେଁ

39. 10 people finish a work within 30 days. Then how many days 5 people will take to finish that work ?

A) 60 B) 150 C) 6 D) 12

୧୦ ଟି ଲୋକ ଗୋଟିଏ କାମ କୁ ୩୦ ଦିନରେ କରନ୍ତି ତେବେ ୫ ଟି ଲୋକ ସେହି କାମକୁ କେତେ ଦିନରେ କରିପାରିବେ ?

କ) ୬୦ ଖ) ୧୫୦ ଗ) ୬ ଘ) ୧୨

40. I got 16 numbers of one rupee & 50 paise coins from a shop in exchange for Rs.10. Then how many number of 1 rupee coins I got ?

A) 10 B) 6 C) 4 D) None of the above

ମୁଁ ଗୋଟିଆ ଦୋକାନରୁ ୧୦ ଟଙ୍କା ବଦଳରେ ୧ ଟଙ୍କିଆ ଓ ୫୦ ପଇସାର ମୁଦ୍ରା ମିଶେଇ ୧୬ ଟି ମୁଦ୍ରା ପାଇଲି। ତେବେ ମୁଁ ଟଙ୍କିକିଆ ମୁଦ୍ରା କେତୋଟି ପାଇଲି ?

କ) ୧୦ ଖ) ୬ ଗ) ୪ ଘ) କୌଣସିଟି ବି ନୁହେଁ

## SECTION-B

### Translation & Retranslation

**PART-I. Read the following sentences in Odia carefully and select their correct translation into English from the four answers given under each question as A, B, C & D.**

**ନିମ୍ନଲିଖିତ ଓଡିଆ ବାକ୍ୟ ଗୁଡିକ ଯତ୍ନ ସହକାରେ ପଢ ଏବଂ ପ୍ରତ୍ୟେକ ପ୍ରଶ୍ନ ତଳେ A, B, C ଓ D ଭାବରେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ କେଉଁଟି ସେମାନଙ୍କ ସଠିକ ଇଂରାଜୀ ଅନୁବାଦ ତାହା ଚୟନ କର।**

Techofworld.In

41. କଲିକତା ସହର ହୁଗୁଳି ନଦୀ କୂଳରେ ଅବସ୍ଥିତ ।

A) Kolkata is near river Hooghly.

B) Kolkata is at river Hooghly.

C) Kolkata is beside river Hooghly.

D) Kolkata is on the river Hooghly.

42. ବାସ୍ତବରେ ମଣିଷ ଲେଖି ଶିଖିବା ବହୁପୂର୍ବରୁ ସାହିତ୍ୟର ଇତିହାସ ଆରମ୍ଭ ହୋଇଥିଲା।

A) The history of literature really begins long before man learned to write.

B) The history of literature really began long before man learned to write.

C) The history of literature really began long before man learns to write.

D) The history of literature really begins long before man learns to write.

43. ଭାରତୀୟ ରେଳପଥ ପୃଥିବୀର ୪ର୍ଥ ସର୍ବବୃହତ ରେଳପଥ ଅଟେ।

A) Indian Railway is the fourth largest railway in the world.
B) Indian Railways was the fourth largest railway in the world.
C) Indian railways is the fourth large railway in the world.
D) Indian railway is fourth largest railway.

44. ଡାକ୍ତର ରୋଗୀର ନାଡି ଦେଖୁଛନ୍ତି ।

Techofworld.In

A) Doctor is seeing the Patient's pulse.
B) The doctor is looking at the Patient's pulse.
C) The doctor is feeling the Patient's pulse.
D) The doctor is examining the Patient's pulse.

45. ରାଷ୍ଟ୍ରପତି କାଲି ଭୁବନେଶ୍ୱର ଆସିବେ ।

A) The President come to Bhubaneswar tomorrow.
B) The President arrives at Bhubaneswar tomorrow.
C) The President coming to Bhubaneswar tomorrow.
D) President will come at Bhubaneswar tomorrow.

46. ବର୍ଷାଋତୁରେ ନଦୀରେ ବନ୍ୟା ଆସେ।

A) In the rainy season, flood comes in the river.
B) In rainy season the flood come in the river.
C) In rainy season flood came in the river.
D) In rainy season, flood coming in the river.

47. ବର୍ଷାଋତୁ ଆରମ୍ଭ ହେବାକ୍ଷଣି କୃଷକମାନେ ଚାଷକାର୍ଯ୍ୟ ଆରମ୍ଭ କରନ୍ତି।

A) Farmers start cultivation with the onset of the rainy season.
B) Farmers started cultivation with the onset of the rainy season.
C) Farmers starting cultivation with the onset of the rainy season.
D) Farmers have started cultivation with the onset of the rainy season.

48. ଭାତ ଓ ଡାଲି ଗୋଟିଏ ସୁଷମ ଖାଦ୍ୟ ।

A) Rice and Dal are a balanced food.
B) Rice and Dal is a balanced food.
C) Rice and Dal are balanced food.
D) Rice and Dal is balanced food.

49. ସେ ଇସ୍ତଫା ଦେଇଛନ୍ତି ।

A) He has put up his resignation.

B) He has put on his resignation.

C) He has put in his resignation.

(D) He has put out his resignation.

50. ଜାତିର ଜନକ ମହାତ୍ମାଗାନ୍ଧୀ ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ।

A) The father of the Nation, Mahatma Gandhi is born on 2nd October 1869.

B) The Father of the Nation, Mahatma Gandhi was born in 2nd October 1869.

(C) The Father of the Nation, Mahatma Gandhi was born on 2nd October 1869.

D) The Father of the Nation, Mahatma Gandhi is born in 2nd October 1869.

51. ବିଜ୍ଞାନର ଇତିହାସ ହିଁ ମାନବଜାତିର ପ୍ରକୃତ ଇତିହାସ।

A) The History of Science was the real history of Mankind.

(B) The history of science is the real history of mankind.

C) The History of Science is real history of Mankind.

D) The History of Science has been the history of Mankind.

52. ତୁମ ଘଡିରେ କେତେ ସମୟ ହୋଇଛି?

Techofworld.In

A) What is the time in your watch ?

(B) What is the time on your watch ?

C) What is the time by your watch ?

D) What is the time at your watch ?

53. ଗ୍ରୀଷ୍ମଋତୁ ପରେ ବର୍ଷାଋତୁ ଆସେ ।

A) Rainy season comes after the summer season.

B) Rainy season come after the summer season.

C) Rainy season will come after the summer season.

(D) The rainy season comes after the summer season.

54. ଅଳ୍ପ କିଛି ବର୍ଷ ହେଲା ନିତ୍ୟବ୍ୟବହାର୍ଯ୍ୟ ଜିନିଷଗୁଡ଼ିକର ମୂଲ୍ୟ ବଢିଯାଇ ଅଛି।

A) The price of essential commodities have gone up in recent years.

(B) The prices of essential commodities have gone up in recent years.

C) The price of essential commodities had gone up in recent years.

D) The price of essential commodities has gone up in recent years.

55. ପର୍ବତରେ ଚାଲିବା ପାଇଁ ତୁମର ଆରାମଦାୟକ ଜୋତା ଦରକାର ।

A) You needed comfortable shoes for walking in the hills.
B) You need comfortable shoes to walking in the hills.
C) You need comfortable shoes for walking in the hills.
D) Your need comfortable shoes for walking in the hills.

56. ବର୍ତ୍ତମାନ ଯୁଗରେ ସହରୀକରଣ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲୁ ରହିଛି ।

A) In the present age, the process of Urbanisation goes on at a very fast pace.
B) In the present age, the process of urbanisation is going on at a very fast pace.
C) In the present age, the process of Urbanisation go on at a fast pace.
D) In the present age, the process of Urbanisation has gone on at a fast pace.

57. ଏ ଘରର ଆସବାବ ପତ୍ର ଅତି ପୁରୁଣା ।

Techofworld.In

A) All the furnitures in this house are very old.
B) All the furniture in this house is very old.
C) All furnitures in this house are very old.
D) All the furniture in this house are very old.

58. ବର୍ତ୍ତମାନ ବଞ୍ଚିବା ଏକ ବ୍ୟୟ ବହୁଳ ବ୍ୟାପାର ହୋଇଗଲାଣି ।

A) Living has become quite a costly affair now.
B) Living has become a costly affair now.
C) Living is become a costly affair now.
D) Living had become a costly affair now.

59. ଗୋଟିଏ ଦେଶର ସ୍ୱାଧୀନତା ତାହାର ନିଜର ଶକ୍ତି ଓ ଆତ୍ମନିର୍ଭରଶୀଳତା ଦ୍ୱାରା ହିଁ ସଂରକ୍ଷିତ କରାଯାଇପାରିବ ।

A) A country's freedom can be preserved only by her own strength and self-reliance.
B) A country's freedom could be preserved only by her own strength and self-reliance.
C) A country's freedom will be preserved only by her own strength and self-reliance.
D) A country's freedom is preserved only by her own strength and self-reliance.

60. ଆମେ ଷ୍ଟେସନରେ ପହଞ୍ଚିବା ବେଳକୁ ଗାଡି ଛାଡି ଦେଇଥିଲା ।

A) By time we reached at the station, the train left.
B) The train left, as we reached at the station.
C) By the time we reached at the station, the train had left.
D) By the time we had reached at the station, the train left.

**PART-II. Read the following sentences in English carefully and select their correct translation into Odia from among the four answers given under each question as A, B, C & D.**

**ନିମ୍ନଲିଖିତ ଇଂରାଜୀ ବାକ୍ୟଗୁଡିକ ଯତ୍ନସହକାରେ ପଢ଼ ଏବଂ ପ୍ରତ୍ୟେକ ପ୍ରଶ୍ନତଳେ A, B, C ଓ D ଭାବରେ ଦିଆଯାଇଥିବା ଚାରୋଟି ଉତ୍ତର ମଧ୍ୟରୁ କେଉଁଟି ସେମାନଙ୍କ ସଠିକ ଓଡିଆ ଅନୁବାଦ ତାହା ଚୟନକର ।**

Techofworld.In

61. Glass is a bad conductor of electricity.

A) କାଚ ବିଦ୍ୟୁତ୍ ଶକ୍ତିର ସୁପରିବାହୀ ।
B) କାଚ ବିଦ୍ୟୁତ୍ ଶକ୍ତିର କୁପରିବାହୀ ।
C) କାଚ ବିଦ୍ୟୁତ୍ ଶକ୍ତିର ଅପଚୟ କରେ ।
D) କାଚ ବିଦ୍ୟୁତ୍ ଶକ୍ତିକୁ ଧରି ରଖେ ।

62. He did not pay heed to my words.

A) ସେ ମୋ କଥା ରଖିଲା ନାହିଁ ।
B) ସେ ମୋ କଥା କହିଲା ନାହିଁ ।
C) ସେ ମୋ କଥା ଶୁଣିଲା ନାହିଁ ।
D) ସେ ମୋ କଥା ଭାବିଲା ନାହିଁ ।

63. To remain healthy is a social responsibility.

A) ସୁସ୍ଥ ରହିବା ଏକ ସାମାଜିକ କର୍ତ୍ତବ୍ୟ ।
B) ସୁସ୍ଥତା ଏକ ସାମାଜିକ ଦାୟିତ୍ୱ ।
C) ସୁସ୍ଥ ରହିବା ଏକ ସାମାଜିକ ଦାୟିତ୍ୱ ।
D) ସୁସ୍ଥ ରହିବା ଏକ ସମାଜର କର୍ତ୍ତବ୍ୟ ।

64. Ganga rises in the Himalayas.

A) ଗଙ୍ଗା ହିମାଳୟରେ ଉଠି ଅଛି ।
B) ଗଙ୍ଗା ହିମାଳୟରୁ ବାହାରି ଅଛି ।
C) ଗଙ୍ଗା ହିମାଳୟରେ ବହି ଅଛି ।
D) ଗଙ୍ଗା ହିମାଳୟରେ ଉଦୟ ହୋଇଛି ।

65. It is quarter to eleven.

A) ଏଗାରଟା ପନ୍ଦର ମିନିଟ ହୋଇଛି ।
B) ପନ୍ଦର ମିନିଟ୍ ପରେ ଏଗାରଟା ହେବ ।
C) ଏଗାରଟା ପରେ ଘର ପଡିବ ।
D) ପନ୍ଦର ମିନିଟ୍ ଆଗରୁ ୧୧ଟା ବାଜିଲା ।

66. Patna stands on the river Ganga.

A) ପାଟନା ଗଙ୍ଗାନଦୀ ଉପରେ ଅବସ୍ଥିତ ।
B) ପାଟନା ଗଙ୍ଗାନଦୀ କୂଳରେ ଅବସ୍ଥିତ ।
C) ପାଟନା ଗଙ୍ଗାନଦୀ ପାଖରେ ଅବସ୍ଥିତ ।
D) ପାଟନା ଗଙ୍ଗାନଦୀ ଭିତରେ ଅବସ୍ଥିତ ।

67. My grandmother is talkative.

A) ମୋ ଜେଜେମା ବହୁତ ଗପ କହନ୍ତି ।
B) ମୋ ଜେଜେମା ବହୁତ ଗପୁଡି ।
C) ମୋ ଜେଜେମା ବହୁତ ବକ୍ ବକ୍ କରନ୍ତି ।
D) ମୋ ଜେଜେମା ବହୁତ ଗାଳି କରନ୍ତି ।

68. For thousands of years people believed that Sun revolved round the Earth.

A) ହଜାରେ ବର୍ଷ ଧରି ଲୋକେ ଭାବୁଥିଲେ ସୂର୍ଯ୍ୟ ପୃଥିବୀ ଚାରିପଟେ ଘୁରୁଛି ।

B) ବର୍ଷ ବର୍ଷ ଧରି ଲୋକେ ଭାବୁଥିଲେ ଯେ ସୂର୍ଯ୍ୟ ପୃଥିବୀ ଚାରିପଟେ ଘୁରୁଛି ।

C) ହଜାର ହଜାର ବର୍ଷ ଧରି ଲୋକେ ଭାବୁଥିଲେ ଯେ ସୂର୍ଯ୍ୟ ପୃଥିବୀ ଚାରିପାଖରେ ଘୁରୁଛି ।

D) ଶହ ଶହ ବର୍ଷ ଧରି ଲୋକେ ଭାବୁଥିଲେ ସୂର୍ଯ୍ୟ ପୃଥିବୀ ଚାରିପାଖରେ ଘୁରୁଛି ।

69. I prefer coffee to tea.

Techofworld.In

A) ମୋତେ ଚା ଠାରୁ କଫି ଭଲ୍ ଲାଗେ ।

B) ମୋତେ କଫି ଠାରୁ ଚା ଭଲ ଲାଗେ ।

C) ମୋତେ କଫି ଓ ଚା ଭଲ ଲାଗେ ।

D) ମୋତେ କଫି ଠାରୁ ଚା ପର୍ଯ୍ୟନ୍ତ ସବୁ ଭଲ ଲାଗେ ।

70. The train is on time.

A) ରେଳଗାଡି ଠିକ୍ ସମୟରେ ଚାଲିଅଛି ।

B) ରେଳଗାଡି ଠିକ୍ ସମୟରେ ଚାଲୁଅଛି ।

C) ରେଳଗାଡି ଠିକ୍ ସମୟରେ ପହଞ୍ଚିଛି ।

D) ରେଳଗାଡି ଠିକ୍ ସମୟରେ ପହଞ୍ଚିବ ।

71. Kalidas wrote Meghaduta.

A) କାଳିଦାସ ମେଘଦୂତ ଲେଖିଛନ୍ତି।

B) କାଳିଦାସ ମେଘଦୂତ ଲେଖିଥିଲେ ।

C) କାଳିଦାସ ମେଘଦୂତ ଲେଖୁଥିଲେ ।

D) କାଳିଦାସ ମେଘଦୂତ ଲେଖିଲେ ।

72. I wake up at dawn.

A) ମୁଁ ପ୍ରଦୋଷରେ ଉଠେ ।

B) ମୁଁ ପ୍ରତ୍ୟୁଷରେ ଉଠେ ।

C) ମୁଁ ସକାଳେ ଉଠେ ।

D) ମୁଁ ସଂଧ୍ୟାବେଳେ ଉଠେ ।

73. The battery has run out.

A) ବ୍ୟାଟେରି ଦୌଡି ପଳାଇଲା।

B) ବ୍ୟାଟେରି ସରିଗଲା।

C) ବ୍ୟାଟେରି ସରି ଯାଇଛି ।

D) ବ୍ୟାଟେରି ସରିଯିବ ।

74. He will have been playing football.

A) ସେ ଫୁଟବଲ ଖେଳୁଥିବେ ।

B) ସେ ଫୁଟବଲ ଖେଳି ଆସୁଥିବେ ।

C) ସେ ଫୁଟବଲ ଖେଳିଥିବେ ।

D) ସେ ଫୁଟବଲ ଖେଳିବେ।

75. This river is Perennial.

A) ଏ ନଦୀଟି ଖରସ୍ରୋତା ।

B) ଏ ନଦୀଟି ଚିରସ୍ରୋତା ।

C) ଏ ନଦୀଟି ସୁଖି ଯାଇଛି ।

D) ଏ ନଦୀଟି ଜଳପୂର୍ଣ୍ଣ ଅଛି ।

76. We need a good Counsellor.

A) ଆମର ଜଣେ ଭଲ ପରାମର୍ଶଦାତା ଦରକାର ।

B) ଆମର ଜଣେ ଭଲ ରାଜନେତା ଦରକାର ।

C) ଆମର ଜଣେ ଭଲ କାଉନ୍ ସିଲର ଦରକାର ।

D) ଆମର ଜଣେ ଭଲ ପରିସଂଖ୍ୟାନକାରି ଦରକାର ।

Techofworld.In

77. The crane has a big bill.

A) ବଗର ଲମ୍ବା ଗୋଡ ଅଛି ।

B) ବଗର ଲମ୍ବା ବେକ ଅଛି ।

C) ବଗର ବଡ ଥଣ୍ଟ ଅଛି ।

D) ବଗର ବଡ ଡେଣା ଅଛି ।

78. What makes you laugh?

A) ହସ କାହିଁକି ମାଡୁଛି?

B) କାହିଁକି ହସୁଛ?

C) କିପରି ହସୁଛ ?

D) କଣ ହସୁଛ?

79. We should be ashamed of open defecation.

A) ବାହାରେ ବୁଲିବା ପାଇଁ ଆମେ ଲଜ୍ଜିତ ହେବା ଉଚିତ୍ ।

B) ବାହାରେ ମଳମୂତ୍ର ତ୍ୟାଗ ପାଇଁ ଆମେ ଲଜ୍ଜିତ ହେବା ଉଚିତ୍ ।

C) ବାହାରେ ଅପରିଷ୍କାର ଜିନିଷ ଫିଙ୍ଗିବା ପାଇଁ ଆମେ ଲଜ୍ଜିତ ହେବା ଉଚିତ୍ ।

D) ବାହାରେ ଛେପ ପକାଇବା ପାଇଁ ଆମେ ଲଜ୍ଜିତ ହେବା ଉଚିତ୍ ।

80. I could not but laugh.

A) ମୁଁ ହସି ପାରେ ନାହିଁ ।

B) ମୁଁ ହସି ପାରିଲି ନାହିଁ ।

C) ମୁଁ ହସିଲି ନାହିଁ ।

D) ମୁଁ ନ ହସି ରହିପାରିଲି ନାହିଁ ।

## SECTION-C

### General Knowledge on Excise Matters

**Read the following statements and choose the most appropriate of the four answers given below as A, B, C & D.**

81. 'Aska-40' is manufactured in which distillery ?

A) Umeri Distillery

B) Sakti sugar distillery

C) Boudh distillery

D) None of these

'ଆସ୍କା-୪୦' ଦେଶୀମଦ କେଉଁ ଡ଼ିଷ୍ଟିଲାରିରେ ତିଆରି ହୁଏ ।

କ) ଉମରି ଡ଼ିଷ୍ଟିଲାରି

ଖ) ଶକ୍ତି ସୁଗାର ଡ଼ିଷ୍ଟିଲାରି

ଗ) ବୌଦ୍ଧ ଡ଼ିଷ୍ଟିଲାରି

ଘ) କୌଣସିଟି ନୁହେଁ

82. Which of the following item is manufactured in a distillery ?

A) Beer B) Wine C) Mahul Liquor D) Spirit

ଡ଼ିଷ୍ଟିଲାରିରେ ନିମ୍ନ ଲିଖିତ ମଧ୍ୟରୁ କେଉଁ ଜିନିଷ ପ୍ରସ୍ତୁତ କରାଯାଏ ?

କ) ବିଅର ଖ) ୱାଇନ ଗ) ମହୁଲି ମଦ ଘ) ସ୍ପିରିଟ

83. What is the base material used for manufacturing of brown sugar ?

A) Ganja B) Opium C) Bhanga D) Cocaine

ବ୍ରାଉନ ସୁଗାର କେଉଁଥିରୁ ତିଆରି ହୁଏ ?

କ) ଗଞ୍ଜେଇ ଖ) ଅଫିମ ଗ) ଭାଙ୍ଗ ଘ) କୋକେନ

84. Sakti sugar distillery is situated in which district ?

A) Angul B) Dhenkanal C) Ganjam D) Boudh

ଶକ୍ତି ସୁଗାର ଡ଼ିଷ୍ଟିଲାରି କେଉଁ ଜିଲ୍ଲାରେ ଅବସ୍ଥିତ ।

କ) ଅନୁଗୁଳ ଖ) ଢେଙ୍କାନାଳ ଗ) ଗଞ୍ଜାମ ଘ) ବୌଦ୍ଧ

Techofworld.In

85. "INTERNATIONAL DAY AGAINST DRUG ABUSE AND ILLICIT TRAFFICKING" is observed on which day ?

A) Jan 26 B) June 26 C) October 2 D) August 15

**"ଅର୍ନ୍ତଜାତୀୟ ନିଶା ଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ"** କେଉଁ ତାରିଖରେ ପାଳନ କରାଯାଏ ?

କ) ଜାନୁଆରୀ ୨୬ ଖ) ଜୁନ ୨୬ ଗ) ଅକ୍ଟୋବର ୨ ଘ) ଅଗଷ୍ଟ ୧୫

86. Which of the following is a drug ?

A) Liquor B) Tadi C) Bhanga D) Ganja

ନିମ୍ନ ଲିଖିତ ମଧ୍ୟରୁ କେଉଁ ଗୋଟିକ ଡ୍ରଗ ଅଟେ ?

କ) ମଦ ଖ) ତାଡି ଗ) ଭାଙ୍ଗ ଘ) ଗଞ୍ଜେଇ

87. Which of the following is not an intoxicant ?

A) Handia B) Liquor C) Gur D) Ganjei

ନିମ୍ନଲିଖିତ ମଧ୍ୟରୁ କେଉଁଟି ନିଶାଦ୍ରବ୍ୟ ନୁହେଁ ?

କ) ହାଣ୍ଡିଆ ଖ) ମଦ ଗ) ଗୁଡ ଘ) ଗଞ୍ଜେଇ

88. Name of the spirit used for wood polish ?

A) Rectified Spirit B) Denatured Spirit

C) Ethyle Spirit D) None of the above

କାଠ ପଲିସ ପାଇଁ ବ୍ୟବହୃତ ସ୍ପିରିଟ୍ ର ନାମ କଣ ?

କ) ରେକ୍ଟିଫାଏଡ ସ୍ପିରିଟ୍ ଖ) ଡିନେଚର୍ଡ ସ୍ପିରିଟ୍

ଗ) ଇଥାଇଲ ସ୍ପିରିଟ୍ ଘ) କୌଣସିଟି ନୁହେଁ

89. The taste of "Tari" is-

A) Sweet B) Sour C) Bitter D) Sweet & Sour

ତାଡ଼ି ର ସ୍ୱାଦ

Techofworld.In

କ) ମିଠା ଖ) ଖଟା ଗ) ପିତା ଘ) ମିଠା ଓ ଖଟା

90. Which of the following item is known as Drugs ?

A) Cigarette B) Bidi C) Ganja D) Bhanga

ନିମ୍ନ ଲିଖିତ ପଦାର୍ଥ ମଧ୍ୟରୁ କେଉଁଟି ଡ୍ରଗ ?

କ) ସିଗାରେଟ ଖ) ବିଡି ଗ) ଗଞ୍ଜେଇ ଘ) ଭାଙ୍ଗ

91. Which disease is caused by frequently taking liquor abnormally ?

A) Asthma Disease B) Liver Disease

C) Fever Disease D) None of the above

ମାତ୍ରାଧିକ ମଦ୍ୟସେବନ କଲେ କେଉଁ ରୋଗ ହୋଇଥାଏ ?

କ) ଶ୍ୱାସ ରୋଗ ଖ) ଯକୃତ ରୋଗ

ଗ) ଜ୍ୱର ରଗଗ ଘ) କୌଣସିଟି ନୁହେଁ

92. How many Excise districts are there in Odisha ?

A) 13 B) 30 C) 31 D) 3

ଓଡିଶା ରାଜ୍ୟରେ କେତେ ଗୋଟି ଅବକାରୀ ଜିଲ୍ଲା ଅଛି ?

କ) ୧୩ ଖ) ୩୦ ଗ) ୩୧ ଘ) ୩

93. Which liquor is prepared from grapes ?

A) Vodka B) Brandy C) Rum D) Gin

ଅଙ୍ଗୁର ରସରୁ କେଉଁ ମଦ ତିଆରି ହୁଏ ?

କ) ଭୋଡକା ଖ) ବ୍ରାଣ୍ଡି ଗ) ରମ ଘ) ଜିନ

94. Handia (Pachwai) is manufactured from which of the following base material ?

A) Sugar  B) Rice  C) Wheat  D) Raggi

ହାଣ୍ଡିଆ କେଉଁଥିରୁ ତିଆରି ହୁଏ ?

କ) ଚିନି  ଖ) ଚାଉଳ  ଗ) ଗହମ  ଘ) ମାଣ୍ଡିଆ

95. Hasis is a drug available in which form ?

A) Solid  B) Liquid  C) Semi liquid  D) Gaseous

ହାସିସ ଡ୍ରଗ କେଉଁ ଅବସ୍ଥାରେ ଉପଲବ୍ଧ ?

Techofworld.In

କ) କଠିନ  ଖ) ତରଳ  ଗ) ଅର୍ଦ୍ଧ ତରଳ  ଘ) ଗ୍ୟାସୀୟ

96. Which of the following Excise Act/rules is in force in the State of Odisha at present ?

A) Bihar Odisha Excise Act 1915  B) Bihar Excise Rules, 1965

C) Odisha Excise Act 2008  D) Odisha Excise Rules, 1965

ବର୍ତ୍ତମାନ ଓଡ଼ିଶା ରାଜ୍ୟରେ କେଉଁ ଅବକାରୀ ଅଧିନିୟମ / ନିୟମାବଳୀ ଚାଲୁଅଛି ?

କ) ବିହାର ଓଡ଼ିଶା ଅବକାରୀ ଅଧିନିୟମ ୧୯୧୫  ଖ) ବିହାର ଓଡ଼ିଶା ଅବକାରୀ ନିୟମାବଳୀ ୧୯୬୫

ଗ) ଓଡ଼ିଶା ଅବକାରୀ ଅଧିନିୟମ ୨୦୦୮  ଘ) ଓଡ଼ିଶା ଅବକାରୀ ନିୟମାବଳୀ ୧୯୬୫

97. Arrange the following positions of Excise Department in ascending order.

i) Inspector of Excise  ii) Assistant Sub Inspector of Excise

iii) Excise Constable  iv) Sub Inspector of Excise

A) i, ii, iii, iv  B) ii, iii, iv, i  C) iii, iv, ii, i  D) iii, ii, iv, i

ଅବକାରୀ ବିଭାଗର ନିମ୍ନୋକ୍ତ ପଦବୀ ଗୁଡ଼ିକୁ ସାନରୁ ବଡ଼ କ୍ରମରେ ସଜାଇ ଲେଖ ।

(୧) ଅବକାରୀ ନିରୀକ୍ଷକ  (୨) ସହକାରୀ ଉପନିରୀକ୍ଷକ

(୩) ଅବକାରୀ ଆରକ୍ଷୀ  (୪) ଅବକାରୀ ଉପନିରୀକ୍ଷକ

କ) ୧, ୨, ୩, ୪  ଖ) ୨, ୩, ୪, ୧  ଗ) ୩, ୪, ୨, ୧  ଘ) ୩, ୨, ୪, ୧

98. Bhang is prepared from which part of the Bhanga plant?

A) Root  B) Stem  C) Leaf  D) Flower

ଭାଙ୍ଗ ଭାଙ୍ଗ ଗଛର କେଉଁ ଅଂଶରୁ ତିଆରି ହୁଏ ।

କ) ଚେର  ଖ) କାଣ୍ଡ  ଗ) ପତ୍ର  ଘ) ଫୁଲ

99. What is the limit of possession of foreign liquor for a common man's consumption ?

A) 2 Liter  B) 3 Liter  C) 2.500 Liter  D) 1.500 Liter

ଜଣେ ସାଧାରଣ ଲୋକ ବ୍ୟବହାର ପାଇଁ କେତେ ପରିମାଣର ବିଦେଶୀ ମଦ ନିଜ ପାଖରେ ରଖିପାରିବେ ?

କ) ୨ ଲିଟର  ଖ) ୩ ଲିଟର  ଗ) ୨.୫୦୦ଲିଟର  ଘ) ୧.୫୦୦ଲିଟର

100. Arrange the following designation in descending orders ?

i) Excise Superintendent
ii) Deputy Excise Superintendent
iii) Excise Inspector
iv) Excise Sub Inspector

A) i, ii, iii, iv  B) ii, iv, iii, i  C) iii, iv, i, ii  D) None of these

ଅବକାରୀ ବିଭାଗର ନିମ୍ନୋକ୍ତ ପଦବୀ ଗୁଡିକ ବଡ ରୁ ସାନ କ୍ରମେ ସଜାଇ ଲେଖ ।

Techofworld.In

i) ଅଧୀକ୍ଷକ
ii) ଉପଅଧୀକ୍ଷକ
iii) ନିରୀକ୍ଷକ
iv) ଉପନିରୀକ୍ଷକ

କ) i, ii, iii, iv  ଖ) ii, iv, iii, i  ଗ) iii, iv, i, ii  ଘ) କୌଣସିଟି ନୁହଁ

101. What is the quantity of opium one can poses without permission ?

A) 5gm  B) 10gm  C) 25gm  D) Nil

ବିନା ଅନୁମତିରେ କେତେ ପରିମାଣର ଅଫିମ ଜଣେ ନିଜ ପାଖରେ ରଖିପାରିବ ?

କ) 5 ଗ୍ରାମ  ଖ) 10 ଗ୍ରାମ  ଗ) 25 ଗ୍ରାମ  ଘ) ଆଦୌ ନୁହେଁ

102. How many Excise divisions are there in Odisha ?

A) 5 nos.  B) 6 nos.  C) 3 nos.  D) 10 nos.

ଓଡିଶା ରାଜ୍ୟରେ କେତେ ଗୋଟି ଅବକାରୀ ଡିଭିଜନ ରହିଛି ?

କ) ୫ ଗୋଟି  ଖ) ୬ ଗୋଟି  ଗ) ୩ ଗୋଟି  ଘ) ୧୦ ଗୋଟି

103. What is the base material for preparation of liquor?

A) Spirit  B) Molasses  C) Mohua flower  D) Malt

ମଦ ପ୍ରସ୍ତୁତିର ଆଧାର ପଦାର୍ଥ କଣ ?

କ) ସ୍ପିରିଟ  ଖ) ମୋଲାଶେଷ  ଗ) ମହୁଲ ଫୁଲ  ଘ) ମାଲ୍ଟ

104. Which drug is used for medicinal purpose for patients with advice of Doctor ?

A) Ganja  B) Opium  C) Bhang  D) None of the above

କେଉଁ ଡ୍ରଗକୁ ଔଷଧଭାବେ ରୋଗୀଙ୍କୁ ବ୍ୟବହାର ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି ?

କ) ଗଞ୍ଜେଇ  ଖ) ଅଫିମ  ଗ)ଭାଙ୍ଗ  ଘ) କୌଣସିଟି ନୁହେଁ

105. Which place is not illegal for consumption of foreign liquor ?

A) F.L. (Off) Shop
B) Hotel
C) Dhaba
D) Licensed Bar

କେଉଁ ସ୍ଥାନରେ ବସି ମଦ ପିଇବା ବେଆଇନ ନୁହେଁ ?

କ) ଓିପି ବନ୍ଦ ମଦ ଦୋକାନ
ଖ) ହୋଟେଲ
ଗ) ଢାବା
ଘ) ଲାଇସେନ୍ସ ପ୍ରାପ୍ତ ବାର

106. Who is the Excise Minister of Odisha?

A) Sri Bikram KeshariArukh
B) Sri Lal Bihari Himrika
C) Sri Niranjan Pujari
D) None of these

ଓଡ଼ିଶାର ଅବକାରୀ ମନ୍ତ୍ରୀ କିଏ ?

Techofworld.In

କ) ଶ୍ରୀ ବିକ୍ରମ କେଶରୀ ଆରୁଖ
ଖ) ଶ୍ରୀ ଲାଲ ବିହାରୀ ହିମରିକା
ଗ) ଶ୍ରୀ ନିରଞ୍ଜନ ପୂଜାରୀ
ଘ) ଏମାନଙ୍କ ମଧ୍ୟରୁ କେହି ନୁହନ୍ତି

107. Which date is observed as 'Dry day' in Odisha ?

A) August 15
B) January 26
C) October 2
D) September 5

ଓଡ଼ିଶା ରେ 'Dry day' କେଉଁ ତାରିଖରେ ପାଳନ କରାଯାଏ ?

କ) ଅଗଷ୍ଟ 15
ଖ) ଜାନୁୟାରୀ 26
ଗ) ଅକ୍ଟୋବର 2
ଘ) ସେପ୍ଟେମ୍ବର 5

108. How much quantity of Khajuri Tari one can possess for personal consumption ?

A) 3 Liter
B) 4 Liter
C) 2.5 Liter
D) 5 Liter

ଜଣେ ସାଧାରଣ ଲୋକ ବିନା ଅନୁମତି ପତ୍ରରେ କେତେ ପରିମାଣର ଖଜୁରୀ ତାଡି ନିଜ ବ୍ୟବହାର ପାଇଁ ରଖିପାରିବ?

କ) ୩ ଲିଟର
ଖ) ୪ ଲିଟର
ଗ) ୨.୫ ଲିଟର
ଘ) ୫ ଲିଟର

109. What is the limit possession of bhang for a common man's consumption ?

A) 120gm
B) 100 gm
C) 75gm
D) 125gm

ଜଣେ ସାଧାରଣ ଲୋକ ବ୍ୟବହାର ପାଇଁ କେତେ ପରିମାଣ ଭାଙ୍ଗ ନିଜ ପାଖରେ ରଖିପାରିବେ ?

କ) ୧୨୦ ଗ୍ରାମ
ଖ) ୧୦୦ ଗ୍ରାମ
ଗ) ୭୫ ଗ୍ରାମ
ଘ) ୧୨୫ ଗ୍ରାମ

110. The Excise Constables are promoted to the post of-

A) Habildar
B) Sub Inspector
C) Inspector of Excise
D) A.S.I of Excise

ଅବକାରୀ କନେଷ୍ଟବଳ ମାନେ କେଉଁ ପଦବୀକୁ ପଦୋନ୍ନତି ପାଆନ୍ତି –

କ) ହାବିଲଦାର
ଖ) ସବ ଇନିସପେକ୍ଟର
ଗ) ଅବକାରୀ ଇନିସପେକ୍ଟର
ଘ) ଅବକାରୀ ଏ.ଏସ.ଆଇ.

111. Can "Ganja" be cultivated at any place any time ?

A) Yes B) No C) Limited place D) None of the above

ଗଞ୍ଜେଇ ଚାଷ ଯେକୌଣସି ସ୍ଥାନରେ ଓ ଯେକୌଣସି ସମୟରେ କରାଯାଇ ପାରିବ କି ?

କ) ହଁ ଖ) ନା ଗ) ନିର୍ଦ୍ଦିଷ୍ଟ ସ୍ଥାନ ଘ) କୌଣସିଟି ନୁହେଁ

112. What amount of fine can be imposed on the driver for driving in drunken stage ?

A) Rs. 5000.00 B) Rs. 10000.00 C) Rs. 1500.00 D) Rs. 20000.00

ମଦ ପିଇ ଗାଡି ଚଳାଇଲେ ଚାଳକଙ୍କୁ କେତେ ଜୋରିମାନା ଦେବାକୁ ପଡିବ ?

କ) ୫୦୦୦ ଟଙ୍କା ଖ) ୧୦୦୦୦ ଟଙ୍କା ଗ) ୧୫୦୦ ଟଙ୍କା ଘ) ୨୦୦୦୦ ଟଙ୍କା

113. From which part of the ganja plant Ganja is prepared ?

A) Leaf

B) Root

Techofworld.In

C) Flower

D) Flowering and fruiting tops with seeds

ଗଞ୍ଜେଇ ଗଛର କେଉଁ ଉପାଦାନରୁ ପ୍ରସ୍ତୁତ କରାଯାଏ ?

କ) ପତ୍ରରୁ

ଖ) ଚେରରୁ

ଗ) ଫୁଲରୁ

ଘ) ଫଳ, ଫୁଲ, ଅଗ ଓ ମଞ୍ଜିରୁ

114. Who is the head of the Excise administration in a district ?

A) Additional District Magistrate B) Excise Superintendent

C) Collector D) Deputy Commissioner of Excise

ଜିଲ୍ଲାରେ ଅବକାରୀ ପ୍ରଶାସନର ମୁଖ୍ୟ କିଏ ?

କ) ଅତିରିକ୍ତ ଜିଲ୍ଲାପାଳ ଖ) ଅବକାରୀ ଅଧିକ୍ଷକ

ଗ) ଜିଲ୍ଲାପାଳ ଘ) ଅବକାରୀ ଉପାୟୁକ୍ତ

115. The colour of country liquor is-

A) Transparent white B) Milk white C) Blackish D) Reddish

ଦେଶୀ ମଦର ରଙ୍ଗ -

କ) ସ୍ୱଚ୍ଛ ଧଳା ଖ) କ୍ଷୀର ଭଳି ଧଳା ଗ) କଳା ଘ) ଘନାଲି

116. Opium is manufactured from which plant ?

A) Ganjei Plant B) Bhanga Plant C) Poppy Plant D) Mahua Tree

ଅଫିମ କେଉଁଥିରୁ ତିଆରି ହୁଏ ?

କ) ଗଞ୍ଜେଇ ଗଛ ଖ) ଭାଙ୍ଗ ଗଛ ଗ) ପପି ଗଛ ଘ) ମହୁଲ ଗଛ

117. What is the base material used for manufacturing of 'Charas' ?

A) Ganja B) Opium C) Bhanga D) Modok

ଚରସ କେଉଁଥିରୁ ତିଆରି ହୁଏ ?

କ) ଗଞ୍ଜେଇ ଖ) ଅଫିମ ଗ) ଭାଙ୍ଗ ଘ) ମୋଦକ

118. In the urban area, within what distance from the educational institution a foreign liquor "ON" shop cannot be opened ?

A) 600 meter B) 800 meter C) 550 meter D) 450 meter

ଓପି ଖୋଲା ମଦ ଦୋକାନ ସହରାଞ୍ଚଳରେ ଶିକ୍ଷାନୁଷ୍ଠାନ ଠାରୁ କେତେ ଦୂରରେ ରହିପାରିବ ନାହିଁ ?

କ) ୬୦୦ ମିଟର ଖ) ୮୦୦ ମିଟର ଗ) ୫୫୦ ମିଟର ଘ) ୪୫୦ ମିଟର

119. From which base material Mahua Liquor is prepared ?

A) Rice B) Gur C) Mahua Flower D) Mahua Seeds

ମହୁଲି ମଦ କେଉଁଥିରୁ ତିଆରି ହୁଏ ?

Techofworld.In

କ) ଚାଉଳ ଖ) ଗୁଡ ଗ) ମହୁଲ ଫୁଲ ଘ) ମହୁଲ ମଞ୍ଜି

120. For which of the following items, there is no provision of granting sale license in Odisha ?

A) Bhanga B) Ganja C) Liquor D) Mahua flower

କେଉଁ ନିଶାଦ୍ରବ୍ୟ ବିକ୍ରି ପାଇଁ ଓଡିଶାରେ ଲାଇସେନ୍ସ ଦିଆ ଯିବାର ବ୍ୟବସ୍ଥା ନାହିଁ ?

କ) ଭାଙ୍ଗ ଖ)ଗଞ୍ଜେଇ ଗ) ମଦ ଘ)ମହୁଲ ଫୁଲ

*****X*****